FirstRanker.com
Firstranker's choice
www.FirstRanker.com www.FirstRanker.com

This Question Paper consists of 13 questions and 6 printed pages
ଏହି ପ୍ରଶ୍ନପତ୍ରରେ ମୋଟ 13ଟି ପ୍ରଶ୍ନ ଅଛି ଏବଂ 6 ମୁଦ୍ରିତ ପୃଷ୍ଠା ଅଛି ।

Roll No.
ରୋଲ ନଂ

Code No. 54/SS/A/OR
କୋଡ୍ ନମ୍ବର

# ODIA
# (ଓଡ଼ିଆ)
## (305)

Set/ସେଟ୍ A

Day and Date of Examination . . . . . . . . . . . . . . . . . . . . . . . . . . . . . . . . . . .
(ପରୀକ୍ଷାର ଦିନାଙ୍କ ଓ ତାରିଖ)

Signature of Invigilators 1. . . . . . . . . . . . . . . . .
(ନିରୀକ୍ଷକଙ୍କ ସ୍ୱାକ୍ଷର)

2. . . . . . . . . . . . . . . . .

**ସାଧାରଣ ନିର୍ଦ୍ଦେଶାବଳୀ :**

1. ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ୍ ନମ୍ବର ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।
2. ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।
3. ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।
4. ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।
5. ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତୀତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ୍ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।
6. ପ୍ରଶ୍ନପତ୍ରର କୋଡ୍ ନମ୍ବର 54/SS/A/OR ସେଟ୍ A ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।



www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

# ଓଡ଼ିଆ

## (305)

ସମୟ : 3 ଘଣ୍ଟା ] [ ପୂର୍ଣ୍ଣ ସଂଖ୍ୟା : 100

ନିର୍ଦ୍ଦେଶ : **ସମସ୍ତ** ପ୍ରଶ୍ନ ବାଧ୍ୟତାମୂଳକ ଅଟେ ।

**1.** ବନ୍ଧନୀମାନଙ୍କ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଯେକୌଣସି **ତିନୋଟିର** ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ପୁଅ ସତୃପ୍ତ ଭାବରେ ମାଆର _____ ମୁଖମଣ୍ଡଳକୁ ଚାହିଁଲା ।

[ ହାଡୁଆ, ସୁନ୍ଦର, ସ୍ନେହଲାବଣ୍ୟମୟ, ଖିଲାଳ ]

(ଖ) ଏ ଦେଶ ଆମର, ବ୍ରିଟିଶ _______ ପାଇଁ ସ୍ଥାନ ଏଠି ନାହିଁ ।

[ ସରକାର, ସାହେବ, ଗୋଲାମ ]

(ଗ) ଲଣ୍ଡନ _______ ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ।

[ ଡାଉନିଙ୍ଗ ଷ୍ଟ୍ରୀଟ, ପାର୍କ ଷ୍ଟ୍ରୀଟ, ମଲ୍ ଷ୍ଟ୍ରୀଟ ]

(ଘ) ଡ୍ରାଇଭର _______ ପିନ୍ଧି ଥିଲା ।

[ ଜୋତା, ବେଲ୍ଟ, ଟୋପି, ଧୋତି ]

(ଙ) ମଣିଷ _______ ଚାଲେ ।

[ ପାଦ ପକାଇ, ଗୁରୁଣ୍ଡି ଗୁରୁଣ୍ଡି, ଫଣା ଟେକି, ଘୁଷୁରି ଘୁଷୁରି ]

www.FirstRanker.com

**2.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି **ତିନୋଟିର** ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ______ କୁ ବୃଦ୍ଧ ରାଉତର ହାତେ ଦେବୁ । ( ଛୋଟ ଘୋଡ଼ା, ହାତୀ, ରଥ )

(ଖ) ଶାଗୁଣା ______ ଚିକିତ୍ସକ ହେଲେ ଶବ ପ୍ରାଣ ପାଏ ନାହିଁ । ( ବିଲୁଆ, କାଉ, ମାଙ୍କଡ଼ )

(ଗ) ______କୁ ଡାଆଣିଆ ଖରା କୁହାଯାଏ । ( ସକାଳର ଖରା, ଶୀତଦିନର ଖରା, ବର୍ଷା ଋତୁର ଖରା )

(ଘ) ______ ଗଲାବେଳେ ମା' ଛାତି ଫଟାଇ କାନ୍ଦେ । ( ଝିଅ, ବାପା, ଭାଇ, ଭଉଣୀ )

(ଙ) ବାତାୟନ ପାଖରେ ______ ବସିଥିଲେ । ( କୁନ୍ତଳା କୁମାରୀ, ଶେଫାଳି ଫୁଲ, ମୀରା କୁମାରୀ )

www.FirstRanker.com

**3.** ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି **ତିନୋଟିର** ଶୂନ୍ୟସ୍ଥାନ ପୂରଣ କର : 1×3=3

(କ) ନବଘନ ବାବୁଙ୍କୁ ଛୋଟ ଛୋଟ କଥାରେ _____ ଅପମାନିତ କରନ୍ତି। ( ଜେମା, ହେମ, ବେବୀ, ନେଳିଅପା )

(ଖ) ବୁଢ଼ା ବୟସରେ ପ୍ରଭାକର _____ ଦଉଡୁଛନ୍ତି। ( ଘରକୁ, ହାଟକୁ, ଚାଷ ଜମିକୁ, ଗାଁର ପାଣି କାଦୁଅକୁ )

(ଗ) _____ ମାନେ ଏକା ଲାଉର ମଂଜି। ( ପ୍ରମୋସନ ପାଇଥିବା କିରାଣୀ, ଅଫିସର, ଯୁବଗୋଷ୍ଠୀ )

(ଘ) _____ ମାଡ୍ରାସୀ ହୋଟେଲରୁ ଦୋସା ମଗାଇ ଜଳଖିଆ ବ୍ୟବସ୍ଥା କରିଥିଲା। ( ବେବୀ, ନବଘନ, ହେମା )

(ଙ) ଲଣ୍ଡନରୁ ସଂଧ୍ୟାରେ _____ ଖଣ୍ଡ ସମ୍ବାଦପତ୍ର ପ୍ରକାଶିତ ହୁଏ।

( ୨, ୩, ୪, ୫ )

**4.** (କ) ନିମ୍ନଲିଖିତ ଯେକୌଣସି **ଚାରୋଟି** ଶବ୍ଦର ବିପରୀତ ଶବ୍ଦ ଲେଖ : 1×4=4

ନୂତନ, ମୂକ, ହ୍ରାସ, ପ୍ରବେଶ, ମଳା, ମହଙ୍ଗା, ସମୟ

(ଖ) ନିମ୍ନଲିଖିତ ଯେକୌଣସି **ଚାରୋଟି** ରୂଢ଼ିର ଅର୍ଥ ଲେଖ : 1×4=4

ନାଟର ଗୋବର୍ଦ୍ଧନ, ହାତ ଅଳସେ ନିଶବଙ୍କା, ସମୁଦ୍ରକୁ ଶଙ୍ଖେ, ବୋଝ ଉପରେ ନଳିତା ବିଡ଼ା, ମୁହଁ ଦେବା, ବାଆକୁ ବତା, ଢୋଲ ଭିତରେ ମୂଷା

(ଗ) ଯେକୌଣସି **ଚାରୋଟିର** ଶୁଦ୍ଧ ରୂପ ଲେଖ : 1×4=4

ଜେଷ୍ଠ, ଆଦ୍ରତା, ନିରୋଗୀ, ପୂଜ୍ୟାସ୍ପଦ, ମଧ୍ୟାହ୍ନ, ସନ୍ୟାସ, ମୂଖ୍ୟ

(ଘ) ନିମ୍ନଲିଖିତ ବିଶେଷ୍ୟ ପଦଗୁଡ଼ିକୁ ବିଶେଷଣରେ ପରିଣତ କର (ଯେକୌଣସି **ଚାରୋଟି**) : 1×4=4

ପ୍ରସଙ୍ଗ, ଜନ୍ମ, ବିପ୍ଳବ, ବିସ୍ତାର, ସମ୍ମାନ, ସମାଜ, ମାନବ

www.FirstRanker.com

**5.** ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ଗଧ ଖାଟେଣି ଖଟେ, କୁକୁର ପାଦ ଚାଟେ, ଆଉ ମଣିଷ କ'ଣ କରେ ?

(ଖ) ସମସ୍ତେ କେତେ ରକମର ଖେଳ ଖେଳୁଛନ୍ତି ?

(ଗ) ଅଧ୍ୟକ୍ଷ ଯେଉଁ ଆକୁଳିର କଥା କହୁଥିଲେ ସେ କିଏ ?

(ଘ) ଭାରତ ସଂସଦୀୟ ଗଣତନ୍ତ୍ର କେଉଁଠାରୁ ଗ୍ରହଣ କରିଛି ?

(ଙ) ସନନ୍ଦ ପତ୍ର ଉପରେ କ'ଣ ମାଡ଼ିଗଲାଣି ?

(ଚ) ସ୍ୱାଧୀନତା ଉତ୍ସବ ଦେଖି ରାୟବାହାଦୂରଙ୍କର ପ୍ରତିକ୍ରିୟା କ'ଣ ହୋଇଥିଲା ?

(ଛ) ନାରସେନାର ଜାତି ଚାଲିଗଲା କାହିଁକି ?

FirstRanker.com
Firstranker's choice
www.FirstRanker.com www.FirstRanker.com

**6.** ନିମ୍ନଲିଖିତ ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) କବି କାହାକୁ ବନ୍ଦନା କରିଛନ୍ତି ଓ ଦଣ୍ଡବତ କରିଛନ୍ତି, କାହିଁକି ?

(ଖ) କିଏ ଗ୍ରାମପଥ ଦେଇ ବିଦେଶ ଯାଏ ଏବଂ କିଏ ତା'ର ଫେରିବା ବାଟକୁ ଚାହିଁ ରହେ ?

(ଗ) କିଏ କେଉଁଠାରେ ଗୋପନରେ ଫୁଟିଛି ଏବଂ କାହାର ବାସ୍ନା ପବନରେ ଭାସି ଆସୁଛି ?

(ଘ) ସୂର୍ଯ୍ୟଦେବଙ୍କୁ କିପରି ନୈବେଦ୍ୟ ଦିଆଯାଉଛି ବୋଲି କବି ଉଲ୍ଲେଖ କରିଛନ୍ତି ?

(ଙ) ତୋଷାମଦିଆଙ୍କୁ କାହିଁକି କୁକୁର ପ୍ରକୃତି ସହିତ ତୁଳନା କରାଯାଇଛି ?

(ଚ) ତୋଷାମଦକାରୀଙ୍କ ପ୍ରକୃତି କ'ଣ ? ସେମାନଙ୍କ କାର୍ଯ୍ୟ କ'ଣ ?

(ଛ) ଇନ୍ଦ୍ର କାହିଁକି ବୃଷ୍ଟି କରେ ଏବଂ ସୃଷ୍ଟି ରକ୍ଷା ହୁଏ ?

**7.** ଯେକୌଣସି **ଚାରୋଟି** ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ନବଘନ ଅଣ୍ଡା ଓ ବିସ୍କୁଟ ବଦଳରେ କ'ଣ ଖାଆନ୍ତି ଓ କାହିଁକି ଖାଆନ୍ତି ?

(ଖ) ମିସେସ୍ ସିହ୍ନା ତାଙ୍କ ପୁଅର ଜନ୍ମଦିନରେ କ'ଣ କରିଥିଲେ ?

(ଗ) ନବଘନଙ୍କୁ ହେମାଙ୍ଗିନୀଙ୍କର କେଉଁ କଥା ଭଲ ଲାଗେନା ?

(ଘ) ସାରାଜୀବନ ଅଫିସ ଦୌଡ଼ି ଦୌଡ଼ି ପ୍ରଭାକର କ'ଣ ପାଲଟି ଯାଇଛନ୍ତି ବୋଲି କହିଛନ୍ତି ?

(ଙ) ପ୍ରଭାକର ଗାଁରେ କ'ଣ ଖୋଜିବେ ବୋଲି କହିଛନ୍ତି ?

(ଚ) ଗାଁରେ ତିଷ୍ଠି ରହିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

(ଛ) ଆଜିର ସମୟରେ ଗାଁରେ ବଞ୍ଚିବାର ସାର୍ଥକତା କାହିଁକି ନାହିଁ ?

**8.** ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 8

(କ) 'ମଣିଷ' ଗଳ୍ପରୁ ମଣିଷର ବାସ୍ତବ ସ୍ୱରୂପ ସଂପର୍କରେ ଆଲୋକପାତ କର ।

(ଖ) ରାୟବାହାଦୁରଙ୍କର ଚରିତ୍ର ଚିତ୍ରଣ କର ।

(ଗ) ଗଣତନ୍ତ୍ର କେବଳ ଏକ ଶାସନ ପ୍ରଣାଳୀ ନୁହେଁ, ଏହା ଏକ ସଂଯତ ସଭ୍ୟତା, ଏଥିରେ ଅଛି ନୈତିକ ସୌଜନ୍ୟ । ଲେଖକଙ୍କର ଏହି ଉକ୍ତିର ପ୍ରମାଣ ଦିଅ ।

www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

**9.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 8

(କ) ସାମାଜିକ ପରିପ୍ରେକ୍ଷୀରେ ଭୀଷ୍ମଙ୍କ ଉପଦେଶର ଉପାଦେୟତା ବିଚାର କର।

(ଖ) 'ଉତ୍କଳ ସନ୍ତାନ' ଏକ ଉଦ୍‌ବୋଧନମୂଳକ କବିତା—ଆଲୋଚନା କର।

(ଗ) 'ଗ୍ରାମପଥ' କବିଙ୍କ ମନରେ କି ଭାବନା ସୃଷ୍ଟି କରିଛି ?

**10.** ନିମ୍ନଲିଖିତ ଯେକୌଣସି **ଗୋଟିଏ** ପ୍ରଶ୍ନର ଉତ୍ତର ଦିଅ : 8

(କ) "ଗାଁ ଅପେକ୍ଷା ସହର ଅଧିକ ନିରାପଦ।" ଉକ୍ତିଟି ଉପରେ ଆଲୋକପାତ କର।

(ଖ) ନବଘନର ଚରିତ୍ର ଚିତ୍ରଣ କର।

(ଗ) ଗ୍ରାମୀଣ ଜୀବନର ବିଚାରଧାରା ଓ ମାନବୀୟ ସଂପର୍କକୁ ନେଇ ଦେଖା ଦେଇଥିବା ସଂକଟର ଚିତ୍ର ପ୍ରଦାନ କର।

**11.** ନିମ୍ନଲିଖିତ ପରିଚ୍ଛେଦଟି ପାଠକରି ପ୍ରଦତ୍ତ ପ୍ରଶ୍ନମାନଙ୍କର ଉତ୍ତର ଦିଅ : $2\times5+1=11$

ସାଂପ୍ରତିକ କାଳରେ ଯୁବଶକ୍ତିର ଗୁରୁତ୍ୱ ସର୍ବତ୍ର ଉପଲବ୍ଧ ହେଉଛି, ଅନ୍ୟାୟ-ଅବିଚାର ବିରୁଦ୍ଧରେ ଆଜି ଏକ ବଳିଷ୍ଠ ସ୍ୱର, ସାମାଜିକ ଜାଗୃତି ପାଇଁ ସେମାନେ ଆଜି ବଳିଷ୍ଠ ପ୍ରତିଶ୍ରୁତି, ଲକ୍ଷ୍ୟ ପୂରଣ ପାଇଁ ସେମାନେ ଆନ୍ଦୋଳନ କରିଥାନ୍ତି ଏବଂ ଲକ୍ଷ୍ୟସ୍ଥଳରେ ଉପନୀତ ହେବା ପାଇଁ ଅନେକ ମୂଲ୍ୟ ଦେବାକୁ ପଡ଼ିଥାଏ। ଯୁବକ ହେଉଛି ମଧ୍ୟାହ୍ନ ସୂର୍ଯ୍ୟର ପ୍ରଚଣ୍ଡ ରଶ୍ମି। ସୂର୍ଯ୍ୟଙ୍କ ଉଜ୍ଜ୍ୱଳ କିରଣ ଯେପରି ଆମ ଚକ୍ଷୁକୁ ଝଲସାଇ ଦିଏ, ଯୁବକର ତେଜ ଓ ଶକ୍ତି ଅନୁରୂପ ଭାବରେ ଆମକୁ ବିଶେଷ ଅଭିଭୂତ କରେ। ପୌଢ଼ ହେଉଛି କ୍ଷୟିଷ୍ଣୁ ପ୍ରାଣର ଦ୍ୟୋତନା, ମାତ୍ର ଯୁବକ ବିକଶିତ ଓ କ୍ରମ ପରିପୁଷ୍ଟ ଶକ୍ତିର ସଂକେତ। ଗୋଟିଏ ମହତ୍ତର କାର୍ଯ୍ୟପାଇଁ ନିଃସ୍ୱାର୍ଥପର ଭାବରେ ରୂପାୟିତ ହେବାର ଆଦର୍ଶ ଯୁବକକୁ ଚିରଦିନ ଉଦ୍‌ବୁଦ୍ଧ କରି ଆସିଛି। ସ୍ୱଭାବରେ ସେ ସାହସୀ ଓ ନିର୍ଭୀକ, ଆଚରଣରେ ସେ ନିଃସ୍ୱାର୍ଥପର। ସ୍ପଷ୍ଟବାଦିତା ତା'ର ପ୍ରକୃତି। ଆଦର୍ଶର ଅନୁପ୍ରେରଣାର ବ୍ୟକ୍ତିଗତ ସୁଖ-ସ୍ୱାଚ୍ଛନ୍ଦ୍ୟ ବିସ୍ମୃତ ହୋଇ ଛାତ୍ର ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଥାଏ।

**ପ୍ରଶ୍ନ :**

(କ) ସାଂପ୍ରତିକ କାଳରେ କେଉଁମାନେ ଅନ୍ୟାୟ-ଅବିଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଛନ୍ତି ?

(ଖ) ଯୁବକମାନଙ୍କୁ କାହା ସହିତ ତୁଳନା କରାଯାଇଛି ?

(ଗ) କେଉଁ ଆଦର୍ଶ ଯୁବକକୁ ଚିରଦିନ ଉଦ୍‌ବୁଦ୍ଧ କରିଆସିଛି ?

(ଘ) ଯୁବକମାନଙ୍କର ସ୍ୱଭାବ ଓ ପ୍ରକୃତି କିପରି ?

(ଙ) ଯୁବକମାନେ କେଉଁ ଶକ୍ତିର ସଂକେତ ?

(ଚ) ଏହାର ଏକ ଶିରୋନାମା ଦିଅ।

www.FirstRanker.com

FirstRanker.com
Firstranker's choice
www.FirstRanker.com www.FirstRanker.com

**12.** ନିମ୍ନଲିଖିତ ଯେକୌଣସି **ଗୋଟିକର** ପ୍ରବନ୍ଧ ଲେଖ : ୪

(କ) ଉତ୍କଳ ଦିବସ

(ଖ) ପୁସ୍ତକ ମେଳା

(ଗ) ଭ୍ରମଣର ଉପଯୋଗିତା

(ଘ) ଶୃଙ୍ଖଳାବୋଧ

**13.** ତୁମେ ଛାତ୍ରାବାସରେ ରହିବା ନିମିତ୍ତ ଅଧ୍ୟକ୍ଷଙ୍କୁ ଏକ ଦରଖାସ୍ତ ଲେଖ। ୪

କିମ୍ବା

ପାଠପଢ଼ାସହ ଘର କାମରେ ମା'ଙ୍କୁ ସାହାଯ୍ୟ କରିବାକୁ ଉପଦେଶ ଦେଇ ସାନ ଭଉଣୀ ନିକଟକୁ ପତ୍ର ଲେଖ।

★ ★ ★

www.FirstRanker.com

www.FirstRanker.com